## ନନ୍ଦନକାନନରେ ନୀଳଗାଈ ମୃତ

ବାରଙ୍ଗ, (ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୭୨ନଂ ଏନକ୍ଲୋଜରରେ ଥିବା ନୀଳଗାଈର ଗୋଟିଏ ଶାବକ ଜନ୍ମ ହୋଇଥିବାବେଳେ ପରେ ତା'ର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ନୀଳଗାଈ ଏନ୍‌କ୍ଲୋଜର ସଫା କରିବାକୁ ଶନିବାର ସକାଳେ କର୍ମଚାରୀମାନେ ଆସିଥିବାବେଳେ ଭିତରେ ଗୋଟିଏ ଶାବକ ପଡ଼ିଥିବା ବେଳେ ଆଖିରୁ ରକ୍ତ ବାହାରୁ ଥିବା ଦେଖିଥିଲେ। ଖବରପାଇ ନନ୍ଦନକାନନ ଡାକ୍ତରମାନେ ପହଞ୍ଚି ଚିକିତ୍ସା କରିବାବେଳେ ଶାବକଟିର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଏମାନଙ୍କ ସଂଖ୍ୟା ହ୍ରାସପାଇ ୧୫ରେ ପହଞ୍ଚିଛି।

## ସଂକ୍ଷେପରେ

### ଝୁଲନ୍ତା ଅବସ୍ଥାରେ ମୃତଦେହ ଜବତ

**ଯାଁଳା,୧୫।୨(ଡି.ଏନ୍.ଏ.):** ଚନ୍ଦକା ଥାନା ପୋଲିସ ସୋମବାର ସକାଳେ ପାଣିଓରା ପଳାଶପୁର ଗ୍ରାମ୍ୟ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ପାଣିଓରା ଗ୍ରାମର ବଗ ସାହୁ(୫୦)। ସୂଚନା ମୁତାବକ, ଗ୍ରାମର କେତେଜଣ ଲୋକ ସକାଳେ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଗଛରେ ଏକ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାୟ ୧୫ଦିନ ପୂର୍ବରୁ ବଗଙ୍କ ମୃତ୍ୟୁ ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ବଗ ଗତ ୪ ମାସ ପୂର୍ବରୁ ଘରୁ କେଉଁଆଡେ ପଳାଇଯାଇଥିଲେ। ଏନେଇ ପରିବାରଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ହରେକୃଷ୍ଣ ସଭାପତି, ଅଶୋକ ସମ୍ପାଦକ

**ବାଲୁଗାଁ,୧୫।୨(ଡି.ଏନ୍.ଏ.):** ଜାନୁୟାରୀ ୨୩ରେ ନୂତନ ଭାବେ ଚିଲିକା କୋର୍ଟ ଉଦ୍‌ଘାଟିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ଚିଲିକା ଓକିଲ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ହରେକୃଷ୍ଣ ଜଗଦେବ, ଉପସଭାପତି ପ୍ରଦୀପ୍ତ କୁମାର ନନ୍ଦ, ସମ୍ପାଦକ ଅଶୋକ କୁମାର ଚମ୍ପତି, ସହ ସମ୍ପାଦକ ଚିତ୍ରସେନ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ଦୁର୍ଗାଶଙ୍କର ଶତପଥୀ ସର୍ବସମ୍ମତିକ୍ରମେ ଚୟନ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟିରେ ୭ ଜଣଙ୍କୁ ମନୋନୀତ କରାଯାଇଛି।

### କାଠଯୋଡ଼ିରେ ବୁଡ଼ି ଯୁବକ ନିଖୋଜ

**ବାରଙ୍ଗ,୧୫।୨(ଡି.ଏନ୍.ଏ.):** କାଠଯୋଡ଼ି ନଦୀରେ ବୁଡ଼ି ସୋମବାର ଜଣେ ଯୁବକ ନିଖୋଜ ଥିବା ଜଣାପଡ଼ିଛି। ଯୁବକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ ତାଙ୍କ ସନ୍ଧାନ ପାଇ ନ ଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ନଦୀର ବ୍ରାହ୍ମଣୀଗାଁ ପାଖରେ ସ୍ଥାନୀୟ ଗ୍ରାମର କେତେଜଣ ଲୋକ ଗାଧୋଉଥିଲେ। ଅପରାହ୍ନ ୩ଟାରେ ସିଡିଏ ପଟୁ ଜଣେ ଯୁବକ ବାଲିରେ ଚାଲିଚାଲି ଆସି ନଦୀକୁ ପଶିଯାଇଥିଲେ। ଦୀର୍ଘ ସମୟ ବାହାରକୁ ନ ଆସିବାରୁ ଲୋକେ ପୋଲିସକୁ ଜଣାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ପୋଲିସ ମଧ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୧୫।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ମଳିପଡ଼ାସ୍ଥିତ ମା' ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୧ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ୧୪ତାରିଖରେ ପୂର୍ଣ୍ଣାହୁତି ହୋଇ ସମାପନ ହୋଇଥିଲା। ଦୈନନ୍ଦିନ ହୋମ, ଯଜ୍ଞ, ସୂର୍ଯ୍ୟପୂଜା, ନାମ ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ କାଳୁ ଚରଣ ଖଣ୍ଡାୟତରାୟ, ପ୍ରମୋଦ ପ୍ରତାପ ସିଂହ, କାଳୁ ନିଶଙ୍କ, ବାବୁଲି ପାହାଡ଼ସିଂହ, ବିକ୍ରମ ଜେନା, ଶୁଭ୍ରାଂଶୁ ବଳିୟାରସିଂହଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଖୋର୍ଦ୍ଧା: ଚକ ଅଖ ବନ୍ଦ, ରାସ୍ତା ଶୂନ୍‌ଶାନ୍



ତୈଳ ଦର ବୃଦ୍ଧି ପ୍ରତିବାଦରେ ଖୋର୍ଦ୍ଧା ନଗର କଂଗ୍ରେସ ପକ୍ଷରୁ କୋ ଅପରେଟିଭ୍ ଛକରେ ପ୍ରତିବାଦ।


ଜଟଣୀ ସହର ରାସ୍ତା ଖାଁ ଖାଁ।


ବାଲୁଗାଁରେ କଂଗ୍ରେସ କର୍ମୀମାନେ ପିକେଟିଂ କରୁଛନ୍ତି।

**ଖୋର୍ଦ୍ଧା ଅଫିସ/ବାଲୁଗାଁ/ ନିରାକାରପୁର/ ଜଟଣୀ/ ବେଗୁନିଆ, ୧୫।୨ (ଡି.ଏନ୍.ଏ.)**

ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ଓଡ଼ିଶା ପ୍ରଦେଶ କଂଗ୍ରେସର ଆହ୍ୱାନକ୍ରମେ ଖୋର୍ଦ୍ଧା ନଗର କଂଗ୍ରେସ ପକ୍ଷରୁ ସୋମବାର ଖୋର୍ଦ୍ଧା ସହରରେ ୬ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଔଷଧ ଦୋକାନକୁ ବାଦ୍ ଦେଲେ ସମସ୍ତ ଦୋକାନ ବନ୍ଦ ରହିଥିଲା। ସକାଳ ୭ଟାରେ ଶତାଧିକ କଂଗ୍ରେସ କର୍ମୀ ବାଇକ୍ ଶୋଭାଯାତ୍ରାରେ ବସଷ୍ଟାଣ୍ଡରୁ ବାହାରି ନଗର ପରିକ୍ରମା କରି ଦୋକାନ ବଜାର ବନ୍ଦ କରିଥିଲେ। ତହସିଲ, ପୌର ପରିଷଦ, ବ୍ଲକ ଅଫିସ ବନ୍ଦ କରିଥିଲେ। ନୂଆବସଷ୍ଟାଣ୍ଡରେ ବିପରୀତ ଦିଗରୁ ଆସୁଥିବା କାର, ଟ୍ରକକୁ ଅଟକାଇଥିଲେ। ମେଡିକାଲ ପଟୁ କାରରେ ଆସୁଥିବା ଏକ ଠିକା ସଂସ୍ଥା ସୁପରଭାଇଜର ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ପରେ ଜିଲାପାଳଙ୍କ ଅଫିସ ଆଗରେ ପିକେଟିଂ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ କରିବାକୁ ନେଇ ଅତିରିକ୍ତ ଜିଲାପାଳ ଏବଂ କେତେଜଣ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କୌଣସି କାରଣକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୋଲିସ ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଥିଲେ। ପୁଣି ୧୬ନଂ. ଜାତୀୟ ରାଜପଥରେ ଭୁବନେଶ୍ୱର ପଟୁ ଆସୁଥିବା କାର, ଟ୍ରକକୁ ଅଟାକାଇଥିଲେ। ରାଜପଥର ଉଭୟ ପାର୍ଶ୍ୱରେ ମାଲବାହୀ ଟ୍ରକ ଅଟକି ରହିଥିଲା। ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ଟାଉନ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବନ୍ଦ ପାଳନରେ ବରିଷ୍ଠ କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ, ଶିଶିର ପରିଡା, ଅମିତ ମହାନ୍ତି, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ରଞ୍ଜିତ ମହାପାତ୍ର, ପ୍ରଦୋଷ ସାହୁ, ପ୍ରଦୋଷ ହରିଚନ୍ଦନ, ଜିତେନ୍ଦ୍ର ଚମ୍ପତି, ପଦ୍ମଚରଣ ରାୟଙ୍କ ସମେତ ଛାତ୍ର ଓ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ସହରରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସଦର ଏସ୍‌ଡିପିଓ ସୁଶିଲ ମିଶ୍ର, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ସେହିପରି ବାଲୁଗାଁରେ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ ହୋଇଛି। ଯାନବାହାନ ଚଳାଚଳ ବ୍ୟାହତ ହେବା ସହ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପେଟ୍ରୋଲ୍ ପମ୍ପ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିଲା। ଖୋର୍ଦ୍ଧା ଜଲା କଂଗ୍ରେସ କମିଟି ଉପସଭାପତି ପ୍ରଦୀପ ସ୍ୱାଇଁଙ୍କ ନେତୃତ୍ୱରେ ଅକ୍ଷୟ ମହାପାତ୍ର, ବିଜୟ ରଥ, ଉଗ୍ରସେନ ବିଶ୍ୱାଳ, ବିପ୍ର ରଞ୍ଜନ ଜେନାଙ୍କ ସମେତ ବହୁ କଂଗ୍ରେସ କର୍ମୀ ବାଇକ୍ ଶୋଭାଯାତ୍ରାରେ ପିକେଟିଂ କରିଥିଲେ।

କଂଗ୍ରେସ କର୍ମୀମାନେ ଜଙ୍କିଆ ଓ ରାମେଶ୍ୱର ଛକର ସମସ୍ତ ଦୋକାନ, ସରକାରୀ କାର୍ଯ୍ୟାଳୟ ବନ୍ଦ କରବା ସହ ରାମେଶ୍ୱର ଛକରେ ରାସ୍ତାରୋକ କରିଥିଲେ। କଂଗେସ ନେତା ବିଶ୍ୱଭୂଷଣ ଛୋଟରାୟଙ୍କ ନେତୃତ୍ୱରେ ଏହି ବନ୍ଦ ପାଳନ କରାଯାଇଥିଲା। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ କରୁଣାକର ସେଠୀ, ରାଜକିଶୋର ବେହେରା, ଲିଟୁ ସେନାପତି, କାର୍ତ୍ତିକ ଭୁଜବଳ, ଗଣେଶ ପାଲାଟାସିଂହ, ଶେଖ ରୁସ୍ତମ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।

ଜଟଣୀରେ କଂଗ୍ରେସର ନଗର ସଭାପତି ଅଶୋକ ମଙ୍ଗରାଜଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଶ୍ରୀବତ୍ସ ପାଠାଗାରରୁ ବାଇକ୍ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ପକେଟିଂ କରିଥିଲେ। ନାଇଜର ଛକ, ହନୁମାନ ବାଟିକା ଛକ, ରେଲୱେ ଡିଆରଏମ୍ ଅଫିସ ମୁଖ୍ୟ ଫାଟକ ବନ୍ଦ କରିଥିଲେ। ବୃନ୍ଦାବନ ସାହୁ, ସିଲୁ ମହାନ୍ତି, ଶରତ ଚନ୍ଦ୍ର ତ୍ରିପାଠୀ, ଅସର ହୁସେନ, ମହମ୍ମଦ ତାହିର, ଦିଲ୍ଲୀପ ପ୍ରଧାନ, ଜୟସୂର୍ଯ୍ୟ ପଟ୍ଟନାୟକ, ସଙ୍କେତ ପାଟ୍ଟଶାଣୀ, ସୂର୍ଯ୍ୟକାନ୍ତ ବଳିୟାରସିଂ, ରାକେଶ ଦାସ, ମହମ୍ମଦ ସୁସ୍ତାକଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

ବେଗୁନିଆର ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ ସଫଳ ହୋଇଛି। କଂଗ୍ରେସ ନେତା ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକ ଅଫିସ ଛକରୁ ଶୋଭାଯାତ୍ରା ବାହରି ପୋଷ୍ଟ ଅଫିସ ଛକଠାରେ ପହଞ୍ଚିଥିଲା। ଏଥିରେ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ଗୁରୁଜଙ୍ଗରେ ଫାଣ୍ଡି ଖୋଲିବାକୁ ଦାବି

**ଖୋର୍ଦ୍ଧା ଅଫିସ,୧୫।୨**

ଖୋର୍ଦ୍ଧା ପୌର ପରିଷଦ ଅଧୀନ ଗୁରୁଜଙ୍ଗ ଠାରେ ଏକ ପୋଲିସ ଫାଣ୍ଡି ଖୋଲିବା ଲାଗି ଗୁରୁଜଙ୍ଗ ଗ୍ରାମ୍ୟ ମେଳନ କମିଟି ପକ୍ଷରୁ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। ନୂତନ ଭାବେ ଯୋଗଦେଇଥିବା ଏସ୍‌ପି ରାଜକିଶୋର ଦୋରାଙ୍କୁ ଗ୍ରାମବାସୀ ଭେଟିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଖୋର୍ଦ୍ଧା ପୌର ପରିଷଦର ଗୁରୁଜଙ୍ଗ ୪ଟି ୱାର୍ଡ (ନଂ.୧୬,୧୭,୧୮ ଓ ୧୯) ଏବଂ ୧୨ଟି ସାହିକୁ ନେଇ ଗଠିତ। ଏଠାରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ପ୍ରତିବର୍ଷ ବିଭିନ୍ନ ପର୍ବପର୍ବାଣି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଦିନକୁ ଦିନ ଏହି ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗୁରୁଜଙ୍ଗରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯିବା ପରେ ଏଠାରେ ଅସମାଜିକଙ୍କ ଆଡ୍ଡା ଜମୁଛି। କେତେଜଣ ଦୁର୍ବୃତ୍ତ ଏହି ସ୍କୁଲର କବାଟ, ଝରକା ତାଡ଼ି ନେଇଗଲେଣି। ନିକଟରେ ତାରିଣୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଦୈନିକ ଚୋରି ଭଳି ଘଟଣା ବଢିବାରେ ଲାଗିଛି। ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଫାଣ୍ଡି ଆବଶ୍ୟକ ବୋଲି ଦାବିରେ ଉଲ୍ଲେଖ ରହିଛି। କମିଟି ସଭାପତି ସଞ୍ଜୟ କୁମାର ସିଂ, ସମ୍ପାଦକ ଜିତେନ୍ଦ୍ର ସାହୁ, ବଦ୍ରି ନାରାୟଣ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପଦ୍ମଚରଣ ସାହୁ, ବିଶ୍ୱଜିତ୍ ବାରିକ ପ୍ରମୁଖ ଦାବି କରିଛନ୍ତି।

# ରାସ୍ତାରେ ଡ୍ରେନ୍ ପାଣି, ଯାତାୟାତ ବାଧାପ୍ରାପ୍ତ

**ଜଟଣୀ,୧୫।୨(ଡି.ଏନ୍.ଏ.)**


କୃପାସିନ୍ଧୁ ନଗର ରାସ୍ତାରେ ଡ୍ରେନ୍ ପାଣି।

ଖୋର୍ଦ୍ଧା ଜିଲା ଜଟଣୀ ସହରରେ ଅନେକ ନୂତନ ଆପାର୍ଟମେଣ୍ଟ ଓ ସାହିବସ୍ତି ଗଢ଼ିଉଠିଛି। ଏଠାରେ ଗୃହ ନିର୍ମାଣ ପୂର୍ବରୁ ସରକାରୀ ନିୟମ ଉଲ୍ଲଂଘନ କରାଯାଉଛି। ରାସ୍ତା ଏବଂ ଡ୍ରେନ୍ ଉପରେ ଅବରୋଧ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ମୌଜାର ୧୦ନଂ. ୱାର୍ଡ ଅଧୀନ କୃପାସିନ୍ଧୁନଗର ରାସ୍ତାରେ ଡ୍ରେନ୍ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିସହ ଲୋକେ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, କୃପାସିନ୍ଧୁନଗରରେ ବସବାସ କରୁଥିବା ୨୦୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାୟ ୧ମାସ ହେବ ରାସ୍ତାରେ ଥିବା ଡ୍ରେନ ପାଣିରେ ଯାତାୟାତ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଉପର ମୁଣ୍ଡରୁ ଡ୍ରେନ ମଇଳା ପାଣି ତଳମୁଣ୍ଡ ଅଞ୍ଚଳକୁ ଆସୁଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। କୃପାସିନ୍ଧୁନଗର ଅଞ୍ଚଳରେ ଡ୍ରେନ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଅଧୀକାରୀ ଦିଲ୍ଲୀପ ମହାନ୍ତି କହିଛନ୍ତି, ଚାଷଜମିରେ ପ୍ରଶାସନ ପକ୍ଷରୁ ଡ୍ରେନ ନିର୍ମାଣ ହୋଇପାରିବ ନାହିଁ। ଉପଭୋକ୍ତାମାନେ ସୋସାଇଟି ଗଠନ କରି ସେମାନେ ନିଜ ଜାଗା ପୌର ପ୍ରଶାସନକୁ ଆଇନତଃ ହସ୍ତାନ୍ତର କରିବେ, ତେବେ ପୌର ପ୍ରଶାସନ ପକ୍ଷରୁ ସେଠାରେ ଡ୍ରେନ ନିର୍ମାଣ କରାଯିବ ବୋଲି କହିଛନ୍ତି।

## ରାଜଧାନୀରେ ମହିଳାଙ୍କ କଙ୍ଗାରୁ କୋର୍ଟ

**ଭୁବନେଶ୍ୱର,୧୫।୨(ବ୍ୟୁରୋ)**

ଦୁଇ ଯୁବକଙ୍କୁ ଦଣ୍ଡ ଦେବାକୁ ମହିଳା ବସାଇଲେ କଙ୍ଗାରୁକୋର୍ଟ। ଛେଳି ଚୋର ସନ୍ଦେହରେ ସେମାନଙ୍କୁ ବାନ୍ଧି ମାଡ଼ ମାରିବା ସହ ରାସ୍ତାରେ ଚଲାଇ ଲକ୍ଷେ ଜରିମାନା କଲେ। ରବିବାର ଏୟାରଫିଲ୍ଡ ଥାନା ଅଧୀନ ଆଜାଦ ନଗର ଅଭିରାମ ବସ୍ତିରେ ପୋଲିସ ଉପସ୍ଥିତିରେ ଘଟିଥିଲା ଏହି ସ୍ପର୍ଶକାତର ଘଟଣା। ତେବେ ପିସିଆର୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଦଣ୍ଡ ଶୁଣାଇଥିବା ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଶେଷରେ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ବନୋ ଓରଫ ଆସ୍‌ମା ବିବି। ପୋଲିସ ତାଙ୍କ ବିରୋଧରେ ମାମଲା (ନଂ.୫୩/୨୧) ରୁଜୁ କରି ସୋମବାର କୋର୍ଟଚାଲାଣ କରିଛି। ସୂଚନାନୁସାରେ, ରବିବାର ଅପରାହ୍ନ ସାଢେ ୪ଟାରେ ଦୁଇଜଣ ଯୁବକଙ୍କୁ ଛେଳି ଚୋର ସନ୍ଦେହରେ ସ୍ଥାନୀୟ ଲୋକେ ଧରିଥିଲେ। ପରେ ଆସ୍‌ମା ସେମାନଙ୍କୁ ବାନ୍ଧି ମାଡ଼ ମାରିଥିଲେ। ଏଥିସହ ଯୁବକଙ୍କ ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ନେଇଥିଲେ। ବନ୍ଧା ହୋଇଥିବା ଦଉଡ଼ିକୁ ନିଜେ ଧରି ବଡ଼ ପାଟିରେ ଦଣ୍ଡ ଘୋଷଣା କରିଥିଲେ ଆସମା। ଏହାପରେ କଙ୍ଗାରୁ କୋର୍ଟ ବସାଇ ଦଣ୍ଡ ସ୍ୱରୂପ ସେମାନଙ୍କୁ ଲକ୍ଷେ ଟଙ୍କା ଦେବାକୁ ଦାବି କରିଥିଲେ। ଲକ୍ଷେ ଟଙ୍କା ନ ଦେଲେ ଛାଡ଼ିବି ନାହିଁ, ସେମିତି ବନ୍ଧା ହୋଇରହିବ ବୋଲି କହିଥିଲେ। ଖବରପାଇ ପିସିଆର ପୋଲିସ ପହଞ୍ଚି ଅଭିଯୋଗ କରିବାକୁ ପରାମର୍ଶ ଦେବା ସହ ଅଭିଯୁକ୍ତଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ମହିଳା ଜଣକ ପୋଲିସଙ୍କୁ ଗାଳିଗୁଲଜ କରିଥିଲେ। ଶେଷରେ ଏୟାରଫିଲ୍ଡ ଥାନାର ମହିଳା ପୋଲିସ ପହଞ୍ଚି ଆସ୍‌ମାଙ୍କୁ କାବୁ କରି ଥାନାକୁ ନେଇ ଗିରଫ କରିଥିଲା।

## ସିମ୍ପାଜି ପୂର୍ଣ୍ଣିମା, ହଗ୍ ଡିଅରର ଶାବକ ଜନ୍ମ

**ବାରଙ୍ଗ,୧୫।୨(ଡି.ଏନ୍.ଏ.)**

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଅନ୍ୟତମ ଆକର୍ଷକ ସାଜିଥିବା ସିମ୍ପାଜି ପୂର୍ଣ୍ଣିମା ସୋମବାର ସକାଳେ ଗୋଟିଏ ଶାବକକୁ ଜନ୍ମ ଦେଇଛି। ମା ଓ ଛୁଆ ଉଭୟ ସୁସ୍ଥ ଅଛନ୍ତି। ଏହି ଶାବକର ଜନ୍ମ ପରେ ଏମାନଙ୍କ ସଂଖ୍ୟା ବୃଦ୍ଧିପାଇ ୭ରେ ପହଞ୍ଚିଛି। ସେଥିମଧ୍ୟରେ ଗୋଟିଏ ଅଣ୍ଡିରା, ୬ ମାଈ ଓ ନବଜାତକର ଲିଙ୍ଗନିରୂପଣ ହୋଇପାରି ନ ଥିବା ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ସେହିଭଳି ୬୬ନଂ ଏନ୍‌କ୍ଲୋଜରରେ ଥିବା ମାଈ ହଗ୍‌ଡିଅର ଶନିବାର ବିଳମ୍ବିତ ରାତିରେ ଗୋଟିଏ ଶାବକ ଜନ୍ମ ଦେଇଛି। ଶାବକଟି ରୁଗ୍‌ଣ ଥିବାରୁ ଡାକ୍ତରଙ୍କ ନଜରରେ ଶାବକଟିକୁ ରଖାଯାଇଛି। ଏହି ଶାବକଟି ଜନ୍ମ ପରେ ହଗ୍‌ଡିଅର ସଂଖ୍ୟା ବୃଦ୍ଧିପାଇ ୪୪ରେ ପହଞ୍ଚିଛି।

## ଚାଷୀଙ୍କ ସମସ୍ୟା ସମାଧାନ ପାଇଁ କମିଟି ଗଠିତ


ସମାବେଶରେ ଯୋଗ ଦେଇଥିବା ଚାଷୀମାନେ।

**ନିରାକାରପୁର,୧୫।୨(ଡି.ଏନ୍.ଏ.)**

ନିରାକାରପୁରସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପ୍ରାଙ୍ଗଣରେ ସୋମବାର ସମିତିସଭ୍ୟ ବିପିନ କୁମାର ଜୟସିଂହଙ୍କ ଆବାହକତ୍ୱରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିନୋଦ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଚାଷୀଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ଏବଂ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ମିଳୁଥିବା ସହାୟତା କିଭଳି ଚାଷୀମାନେ ପାଇପାରିବେ, ସେ ନେଇ ଆଲୋଚନା ହୋଇଥିଲା। ଏନେଇ ଏକ କମିଟି ଗଠନ କରାଯାଇଥିଲା। କମିଟିରେ ସଭାପତିଭାବେ ଚାଷୀ ଗୋଦାବରୀ ଛୋଟରାୟ, ଉପସଭାପତି ଦିଲ୍ଲୀପ ପ୍ରଧାନ, ବିଜୟ ଜୟସିଂହ, ସମ୍ପାଦକ ବଳରାମ ରାଉତରାୟ, ସହସମ୍ପାଦକ ମନୋଜ ପ୍ରଧାନ, ଡମ୍ବରୁଧର ପରିଡ଼ା, କୋଷାଧ୍ୟକ୍ଷଭାବେ ସନ୍ତୋଷ ବେହେରା ମନୋନୀତ ହୋଇଥିଲେ। କମିଟି ସଭ୍ୟଙ୍କ ମଧ୍ୟରେ ଗୁଣନିଧି ବେହେରା, ନବ କିଶୋର ବେହେରା, ହାଲୁ ପ୍ରଧାନ, କପିଳେଶ୍ୱର ସିଂହ, ଅଇଁଠା ରାଉତରାୟ ପ୍ରମୁଖ ରହିଛନ୍ତି। ନିରାକାରପୁର ଚାଷୀଙ୍କ ପକ୍ଷରୁ କୃଷକ ସାଥୀ ନିରଞ୍ଜନ ରାଉତରାୟ, ମଧୁସୂଦନ ପାଟ୍ଟଶାଣୀ, ଉତ୍ତମ କୃଷକ ଭାବେ ଅଇଁଠା ରାଉତରାୟ, ରବି ମାଝି ଓ ରବି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ବାବୁଲି ସେନାପତି ଧନ୍ୟବାଦ ଦେଇଥିଲେ।

# ମାନୁନାହାନ୍ତି ଅମାନିଆ, ବଢୁଛି ଦୁର୍ଘଟଣା

**ବେଗୁନିଆ,୧୫।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କେତେଜଣ ଅମାନିଆଙ୍କ ଦ୍ରୁତ ଗତି ଏବଂ ବେପରୁଆ ଗାଡ଼ିଚାଳନା ଯୋଗୁ ଦିନକୁ ଦିନ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଗତ ୪୫ଦିନ ମଧ୍ୟରେ ପ୍ରାୟ ୨୦ଟି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏହି ବ୍ଲକ ଅଞ୍ଚଳରେ ୫୭ନଂ. ଜାତୀୟ ରାଜପଥ, ବାଘମାରୀ-କଣ୍ଟିଲୋ ସଡ଼କ ପଥ, ରଣପୁର-ପୁରୀ ଜଗନ୍ନାଥ ନୂଆ ସଡ଼କ ପଥ ଯାଇଛି। ଦୁର୍ଘଟଣା ଉପରେ ରୋକ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ଅମାନିଆ ଗାଡ଼ିଚାଳକଙ୍କଠାରୁ ଜରିମାନା ମଧ ଆଦାୟ କରାଯାଉଛି। ଦୁଇ ଚକିଆ ଯାନର ଚାଳକ ଓ ପଛରେ ବସିଥିବା ଲୋକଙ୍କ ପାଇଁ ହେଲମେଟ୍ ବାଧ୍ୟତାମୂଳକ କରାଯାଇଛି। ସେହିପରି ଚାରି ଚକିଆ ଓ ବଡ଼ ଯାନରେ ସିଟ୍ ବେଲ୍ଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ନାବାଳକ ଚାଳକଙ୍କ ଉପରେ ନଜର ରଖିବା ଲାଗି ସଡ଼କ ପରିବହନ ବିଭାଗ ପକ୍ଷରୁ ପୋଲିସଙ୍କୁ ନିର୍ଦ୍ଦେଶ ରହିଛି। ବିଭିନ୍ନ ଅନୁଷ୍ଠାନ, ସରକାରଙ୍କ ପକ୍ଷରୁ ସଚେତନ କରାଯାଉଥିଲେ ମଧ ଅନେକ ସମୟରେ ନାବାଳକ, ଛାତ୍ରୀଛାତ୍ର, ନିଶା ସେବନକାରୀ ଏବଂ କେତେଜଣ ଅମାନିଆଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ମଧ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବେଗୁନିଆ, ବାଘମାରୀ, ସିକୋ, କଣ୍ଟାବାଡ଼ ଅଞ୍ଚଳରେ ଛାତ୍ରୀଛାତ୍ରମାନେ ବିନା ହେଲମେଟ୍ ଓ ବେପରୁଆ ଭାବେ ଗାଡ଼ି ଚାଳନା କରୁଥିବା ଦେଖିବାକୁ ମିଳିଛି। ପୋଲିସ ଓ ପ୍ରଶାସନ ପକ୍ଷରୁ ଚେକିଂ କଡ଼ାକଡ଼ି କରାଗଲେ ଦୁର୍ଘଟଣା ରୋକି ହୁଅନ୍ତା ବୋଲିସ ସାମାଜିକ କର୍ମୀ ଶିବ କୁମାର ମୁନୀ, ରାଜକିଶୋର, ପାଣିଗ୍ରାହୀ, ପ୍ରସନ୍ନ ମହାପାତ୍ର ପ୍ରମୁଖ କହିଛନ୍ତି।

# ଉତ୍ତରାୟଣୀ କ୍ଲବ ଚାମ୍ପିୟନ

**ବାଲୁଗାଁ,୧୫।୨(ଡି.ଏନ୍.ଏ.)**

ବାଲୁଗାଁ ନିକଟ ସରଳାପଦର ଗ୍ରାମସ୍ଥିତ ନାରାୟଣୀ ଖେଳପଡ଼ିଆଠାରେ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଆୟୋଜକ ମା' ଉତ୍ତରାୟଣୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଉତ୍ତରାୟଣୀ କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ ବିନିମୟରେ ୩୮ରନ ସଂଗ୍ରହ କରିଥିଲା। ଜବାବରେ ବାଣପୁର ଭୀମପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିୟମରେ ୨୮ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ୱେତ କୁମାର ବାରିକ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୦ହଜାର ଟଙ୍କା ଏବଂ ରନର୍ସ ଟିମ୍‌କୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ବୈକୁଣ୍ଠ କୁମାର ଦଳାଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଶଙ୍କର ନାୟକ ଏବଂ ଅରବିନ୍ଦ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ।


ଟ୍ରଫି ସହ ଚାମ୍ପିୟନ ଟିମ୍।

# ଧାନ ଉଠାଇବା ଦାବିରେ ସମିତି କାର୍ଯ୍ୟାଳୟ ଘେରାଉ

**ନିରାକାରପୁର, ୧୫।୨(ଡି.ଏନ୍.ଏ.)**


ଚାଷୀମାନେ ରାମେଶ୍ୱର ସେବା ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ଧାନମଣ୍ଡିରେ ସ୍ୱଚ୍ଛତା ଓ ଚାଷୀଙ୍କ ସୁଲଭ ଧାନ ବିକ୍ରି ବ୍ୟବସ୍ଥା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିଛନ୍ତି। ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଫଳରେ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଡିରୁ ଧାନ ଉଠାଇବା ଦାବିରେ ପଞ୍ଜୀକୃତ ଚାଷୀମାନେ ସୋମବାର ରାମେଶ୍ୱର ସେବା ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଥିଲେ। ସୂଚନା ମୁତାବକ, ଏହି ମଣ୍ଡିରୁ ମିଲର ଆଉ ଧାନ ଉଠାଉ ନ ଥିବା ବେଳେ ୬୧ ଚାଷୀ ଟୋକନ ଧରି ୩ହଜାର କୁଇଣ୍ଟାଲ ଧାନ ରଖି ମିଲର୍ସଙ୍କୁ ଚାହିଁ ବସିଛନ୍ତି। ୨ସପ୍ତାହ ହେବ ଏହି ମଣ୍ଡି ବନ୍ଦ ରହିଛି। ଏହାର ପ୍ରତିବାଦରେ ସୋମବାର ଚାଷୀମାନେ ସେବାସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରମୋଦ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ଉଚ୍ଚ ଅଧିକାରୀଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଉକ୍ତ ସମିତିର ସମ୍ପାଦକ ରଘୁନାଥ ପ୍ରଧାନ କହିଛନ୍ତି, ଗତ ବର୍ଷର ଟାର୍ଗେଟ୍ ପୂରଣ ହୋଇଯାଇଥିବାରୁ ଚଳିତ ବର୍ଷ ଟାର୍ଗେଟ ପୂରଣ ହେବାରେ ଅସୁବିଧା ହେଉଛି। କେତେଜଣ ଚାଷୀଙ୍କ କହିବାନୁଯାୟୀ, ଗତବର୍ଷ ଏହି ମଣ୍ଡିରୁ ୧୦୧ ଚାଷୀଙ୍କଠାରୁ ମୋଟ୍ ୪୮୮୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଚଳିତବର୍ଷ ୧୬୧ଜଣ ଚାଷୀଙ୍କଠାରୁ ୮ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ କୁହାଯାଇଛି। ସେଥିରୁ ୧୦୦ଜଣ ଚାଷୀ ୫ହଜାର କୁଇଣ୍ଟାଲ ଧାନ ଦେଇ ସାରିଥିବା ବେଳେ ଅନ୍ୟ ୬୧ଜଣ ଚାଷୀଙ୍କ ୩ହଜାର କୁଇଣ୍ଟାଲ ଧାନ ବିକ୍ରି ପାଇଁ ପଡ଼ି ରହିଛି।

## ଆଜି କ'ଣ କେଉଁଠି

ସାକ୍ଷୀଗୋପାଳ

- ସାକ୍ଷୀଗୋପାଳ ଠାକୁରଙ୍କ ହୋଲି ବେଶ ଓ ସେବାୟତଙ୍କ ସମୂହ ଦୀପଦାନ, ମନ୍ଦିର ପରିସର, ସନ୍ଧ୍ୟା ୭ଟା

## ସଂକ୍ଷେପରେ

### ପିଡିଏସ୍ ବଣ୍ଟନକାରୀଙ୍କୁ ବଦଳାଇବାରୁ ଖାଉଟିଙ୍କ ଧାରଣା

କଣାସ,୧୫।୨(ସ୍ୱ.ପ୍ର.)- କଣାସ ବ୍ଲକର କଣାସ ପଞ୍ଚାୟତ ପିଡିଏସ୍ ସାମଗ୍ରୀ କଣାସ ପଞ୍ଚାୟତ ମାଧମରେ ବଣ୍ଟନ କରାଯାଉଥିଲା। ହେଲେ କିଛିଦିନ ପୂର୍ବରୁ ବିଭିନ୍ନ ଅଭିଯୋଗ ହେବାରୁ ପ୍ରଶାସନ ପକ୍ଷରୁ ଖାଉଟି ସାମଗ୍ରୀ ପଞ୍ଚାୟତ ହାତରୁ ଟାଣି ନିଆଯାଇ ଅନ୍ୟ ଜଣେ ସମିତିକୁ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ପଞ୍ଚାୟତରେ ଥିବା ବଣ୍ଟନକାରୀ ବଦଳିକୁ ନେଇ ଗ୍ରାମର କେତେଜଣ ଖାଉଟି ବିରୋଧ କରିଥିଲେ। ଏପରି କି ସୋମବାର ସରପଞ୍ଚ ଟିକି ସୁବୁଦ୍ଧିଙ୍କ ସହ ଖାଉଟିମାନେ ମିଶି ପୁଣି ପିଡିଏସ୍ ସାମଗ୍ରୀ ଦାୟିତ୍ୱ ପଞ୍ଚାୟତ ହାତକୁ ଦିଆଯାଉ ବୋଲି ବିଡିଓ ଲୋଚନ ଦାସଙ୍କ ଆଗରେ ଦାବି କରି କାର୍ଯ୍ୟାଳୟ ଆଗରେ ବସି ରହିଥିଲେ। ତେବେ ବିଡିଓ ଦାସ ଆସି ସରପଞ୍ଚ ଓ ଖାଉଟିଙ୍କୁ ବୁଝାଶୁଝା କରିବା ସହ ୫ଦିନ ମଧରେ ତଦନ୍ତ କରି ଫଇସଲା କରିବା ନିର୍ଦ୍ଦେଶ ଦେବା ପରେ ଧାରଣାରୁ ହଟିଥିଲେ।

### ଶିବଶକ୍ତି ପୂଜକ ବିକାଶ ସଂଘର ବୈଠକ

ସାକ୍ଷୀଗୋପାଳ,୧୫।୨(ଡି.ଏନ୍.ଏ.)- ସ୍ଥାନୀୟ କୋଶଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୁରୀ ଜିଲା ଶିବଶକ୍ତି ପୂଜକ ବିକାଶ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସତ୍ୟବାଦୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପୂଜକମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳ ମନ୍ଦିର ପୂଜକଙ୍କୁ କୋଭିଡ୍ ସହାୟତା, ପୁରୁଷାନୁକ୍ରମେ ଦେବୋତ୍ତର ଟ୍ରଷ୍ଟ ଜମିରେ ବସବାସ କରୁଥିବା ପୂଜକଙ୍କୁ ସରକାରଙ୍କ ଗ୍ରାମୀଣ ଆବାସ ଯୋଜନାରେ ସହାୟତା, ଠାକୁରଙ୍କ ଜମିରେ ରହିଥିବା ମାଳୀ ସେବକମାନଙ୍କୁ ସ୍ଥିତିବାନ ଜମି ପଟ୍ଟା ପ୍ରଦାନ ଏବଂ ଲିଜ୍‌ସ୍ୱତ୍ୱକୁ ସ୍ଥାୟୀ ଅଧିକାର ପ୍ରଦାନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ମର୍ମରେ ଏକ ସ୍ମାରକପତ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ସଂଘର ସମ୍ପାଦକ ଭୀମସେନ ମହାପାତ୍ର କହିଛନ୍ତି। ବିଶାଖା ଦେବୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜନଳିନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ସିଫା ଯୋଜନାରେ ୨ କୃଷି ବିଦ୍ୟାଳୟ ପ୍ରତିଷ୍ଠା

ପିପିଲି,୧୫।୨(ସ୍ୱ.ପ୍ର.)- କୌଶଲ୍ୟାଗଙ୍ଗସ୍ଥିତ ଆଇସିଏଆର୍-କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ପ୍ରତିଷ୍ଠାନ(ସିଫା) ଦ୍ୱାରା ପରିଚାଳିତ ଏସ୍‌ସିଏସ୍‌ପି ଯୋଜନା ତରଫରୁ ପଶ୍ଚିମବଙ୍ଗର ଉତ୍ତରବଙ୍ଗ କୃଷି ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ଉଦ୍ୟମରେ କୁଚ୍‌ବିହାର ଅଞ୍ଚଳରେ ୨ଟି କୃଷି କ୍ଷେତ୍ର ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏଥିରେ ସିଫା ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ, ଡ. ବି. ଏନ୍. ପଲ୍, ଡ. ଏସ୍. ଏସ୍. ଗିରି, ଡ. ଏସ୍. ଅଧିକାରୀ, ଡଃ ଆର୍. ଏନ୍. ମଣ୍ଡଳ, ଡଃ ଏଚ୍. କେ. ଦେ ପ୍ରମୁଖ ବୈଜ୍ଞାନିକଙ୍କର ଏକ ଟିମ୍ ଯୋଗଦେଇ କୃଷକଙ୍କ ପଶୁଧନ ଓ ମାଛ ଚାଷର ବିକାଶ ନେଇ ଏଭଳି କରିଥିବା କହିଛନ୍ତି। ନିର୍ଦ୍ଦେଶକ ଡ. ସ୍ୱାଇଁ ଉପସ୍ଥିତ କୃଷକ ଓ ମହିଳା କୃଷିଜୀବୀମାନଙ୍କୁ ସିଫା ତରଫରୁ ସମସ୍ତ ବୈଷୟିକ ପରାମର୍ଶ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସିଫାର ଏହି ଉଦ୍ୟମକୁ ଉତ୍ତରବଙ୍ଗ କୃଷି ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ବିଭାଗ ନିର୍ଦ୍ଦେଶକ ଡ. ପି. କେ. ପାଲ୍ ପ୍ରଶଂସା କରିଥିଲେ। ଏଥିରେ ପୂର୍ଣ୍ଣେଶ୍ୱର ବର୍ମନ, ସଞ୍ଜୟ କୀର୍ତ୍ତନିଆ, ଡ. ଏସ୍. ଏସ୍. ଗିରି, ଅମୋଲ ରାୟ, ଡ. ଏସ୍. ଅଧିକାରୀ, ଡ. ଆର୍.ଏନ୍. ମଣ୍ଡଳ ପ୍ରମୁଖ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଶଙ୍କର ସାହା ଧନ୍ୟବାଦ ଦେଇଥିଲେ।

### ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ

କାକଟପୁର,୧୫।୨(ଡି.ଏନ୍.ଏ.)- କାକଟପୁର ହାଇସ୍କୁଲ ୧୯୮୮ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ପାଣିଛତ୍ରର ରାମେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ଜଣ ପୁରାତନ ଛାତ୍ର ଓ ୭ଜଣ ଅବସରପ୍ରାପ୍ତ ଗୁରୁମା ଓ ଗୁରୁଜୀ ଯୋଗ ଦେଇଥିଲେ। ଗୁରୁପୂଜନ ସହ, ସ୍ୱର୍ଗାରୋହଣ କରିଥିବା ଗୁରୁଜୀ ଓ ପୁରାତନ ଛାତ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ପୁରାତନ ଛାତ୍ରମାନେ ନିଜ ପୁରୁଣା ସ୍ମୃତି ସାଉଁଟିବା ସହ ଉପସ୍ଥିତ ଥିବା ଗୁରୁଜୀ ଓ ଗୁରୁମାଙ୍କ ଆଶୀର୍ବାଦ ନେଇଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ମିଶ୍ର, ହରିହର ସାହୁ, ବୈଦ୍ୟନାଥ ମହାନ୍ତି, ଲତାମଣି ଦେଇ, ଶ୍ୟାମଘନ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଅନିଲ ବିଶ୍ୱାଳ, ସୁଦର୍ଶନ ଦୀକ୍ଷିତ ପ୍ରମୁଖ ଯୋଗ ଦେଇଥିଲେ।

# ଜୁନ୍ ୧ରୁ ଶ୍ରୀମନ୍ଦିର ଐତିହ୍ୟ କରିଡର କାମ

ପୁରୀ ଅଫିସ,୧୫।୨:



ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ।

ଶ୍ରୀମନ୍ଦିର ଐତିହ୍ୟ କରିଡର ସଂକ୍ରାନ୍ତ ନକ୍ସା ତଥା ଚିଠା ପ୍ରସ୍ତାବ ଚୂଡ଼ାନ୍ତ ହୋଇ ଅନୁମୋଦନ ପାଇଛି। ଆସନ୍ତା ଜୁନ୍ ୧ରୁ ଐତିହ୍ୟ କରିଡର କାର୍ଯ୍ୟ ଆରମ୍ଭ ହେବ। ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଥମେ ଐତିହ୍ୟ କରିଡର ଚୂଡ଼ାନ୍ତ ନକ୍ସାକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗିକରାଯାଇଥିଲା। ପରେ ବୈଠକରେ ଏହାର ରୂପରେଖ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟି ମାଧମରେ ଅନୁମୋଦନ ଦିଆଯାଇଥିଲା।

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ମଞ୍ଚାସୀନ ଥିଲେ। ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ହେରିଟେଜ କରିଡରକୁ ୯ଟି ସୋପାନରେ ବିଭକ୍ତ କରାଯିବ। ଗ୍ରୀନ୍ ବଫର ବଳୟ, ଅନ୍ତଃପ୍ରଦକ୍ଷିଣ ରାସ୍ତା, ଲ୍ୟାଣ୍ଡସ୍କେପ ଜୋନ୍, ବାହ୍ୟ ପ୍ରଦକ୍ଷିଣ ରାସ୍ତା, ପବ୍ଲିକ୍ କନ୍‌ଭିନିଏନ୍ସ ଜୋନ୍, ସର୍ଭିସ୍ ଲେନ୍ ଓ ସଟଲ୍ କମ୍ ଏମରଜେନ୍ସି ଲେନ୍, ମିଶ୍ର ଟ୍ରାଫିକ୍ ଲେନ୍ ଓ ଜେବ୍ରା କ୍ରସିଂ ଭଳି ପେଡେଷ୍ଟ୍ରିଆନ୍ ଚଲାପଥ ଆଦି ସୋପାନ ରହିବ। ମେଘନାଦ ପାଚେରିକୁ ଲାଗି ଦୁଇମିଟର ଚଉଡ଼ା ରାସ୍ତା ଶ୍ରୀମନ୍ଦିର କର୍ମଚାରୀଙ୍କ ଚଲାବୁଲା ଓ ପାଚେରି ମରାମତି ପାଇଁ ଛଡ଼ାଯିବ। ଗ୍ରୀନ୍ ବଫର୍ ଜୋନ୍‌ର ବଳକା ୫ ମିଟର ଜାଗାରେ ୧ ଫୁଟ୍ ଉଚ୍ଚତାର ଲ୍ୟାଣ୍ଡସ୍କେପ ପାହାଚମାନ ପ୍ରସ୍ତୁତ ହେବ। ଏହି ଖସଡ଼ାକୁ ଫୁଲ ମାଧମରେ ସୁସଜ୍ଜିତ କରି ରଖାଯିବ। ୧୦ ମିଟର ଅନ୍ତଃ ପ୍ରଦକ୍ଷିଣ ଜୋନ୍‌କୁ ଶ୍ରଦ୍ଧାଳୁଙ୍କ ଚଲାପଥ ଭାବେ ବ୍ୟବହାର କରାଯିବ। ଶ୍ରୀମନ୍ଦିର ଉତ୍ସବ ବେଳେ ଚଳପ୍ରଚଳ ପାଇଁ ଓ ଶ୍ରୀମନ୍ଦିର ଚାରିପାଖ ବୁଲି ଦେଖିବା ପାଇଁ ଏହି ଜୋନ୍ ବ୍ୟବହାର କରାଯିବ। ସେହିଭଳି ୧୪ ମିଟରର ଲ୍ୟାଣ୍ଡସ୍କେପ ଜୋନ୍‌ରେ ଏକ ବିରାଟ ଉଦ୍ୟାନ ପ୍ରସ୍ତୁତ ହେବ। ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଥିବା ଉଦ୍ଭିଦମାନ ଉକ୍ତ ଜୋନ୍‌ରେ ଦେଖିବାକୁ ମିଳିବ। ବାହ୍ୟ ପ୍ରଦକ୍ଷିଣ ଜୋନ୍‌ରେ କେବଳ ବଡ଼ ବଡ଼ ବୃକ୍ଷରୋପଣ କରାଯିବ। ଏହାର ଛାଇ ଶ୍ରଦ୍ଧାଳୁଙ୍କୁ ଆରାମ ଦେବ। ସେହିଭଳି ୧୦ ମିଟର ବିଶିଷ୍ଟ ପବ୍ଲିକ୍ କନଭିନିଏନ୍ସ ଜୋନ୍‌ରେ ଭକ୍ତଙ୍କ ପାଇଁ ସବୁ ପ୍ରକାର ସୁବିଧା ରହିବ। ବିଶ୍ରାମ ଗୃହ, ପାନୀୟଜଳ, ସୂଚନା କେନ୍ଦ୍ର ଓ ଦାନାର୍ଥ ଗ୍ରହଣ କେନ୍ଦ୍ର ଏଠାରେ ରହିବ। ସେହିଭଳି ୫ ମିଟର ବିଶିଷ୍ଟ ଏକ ସେବା ଲେନ୍ ଓ ୪.୫ ମିଟର ଚଉଡ଼ା ଅଞ୍ଚଳକୁ ଜରୁରିକାଳୀନ ସ୍ଥିତିରେ ବ୍ୟବହାର କରାଯିବ। ଏହାପରେ ୭.୫ ମିଟର ଟ୍ରାଫିକ୍ ଲେନ୍ ଦେଖିବାକୁ ମିଳିବ। ଏଠାରେ ଯାନବାହନ ଚଳାଚଳ ଲାଗି ବ୍ୟବସ୍ଥା ସହ ଟ୍ରାଫିକ୍ ଲେନକୁ ଶ୍ରୀମନ୍ଦିର ପାଖ ସାହିଗୁଡ଼ିକ ସହ ସଂଯୋଗ କରାଯିବ। ଶେଷରେ ୭ ମିଟର ଲମ୍ବା ଚଲାପଥ ଓ ଏହାକୁ ଲାଗି ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀଙ୍କ ଉଦ୍ଦେଶ୍ୟରେ ପାର୍କିଂ ବ୍ୟବସ୍ଥା ରହିବ। ହେରିଟେଜ୍ ପୂର୍ବାଞ୍ଚଳରେ ଏକ ବିଶାଳ ଖୋଲା ସ୍ଥାନ ଛଡ଼ାଯିବ। ରଥଯାତ୍ରା ଏବଂ ଅନ୍ୟ ପର୍ବପର୍ବାଣୀ ସମୟରେ ଶ୍ରୀଜୀଉଙ୍କ ନୀତିକାନ୍ତି ଲାଗି ଏହାକୁ ବ୍ୟବହାର କରାଯିବ। ଏଠାରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଏକାଠି ହୋଇପାରିବେ।

ଅନ୍ୟପକ୍ଷରେ ଦର୍ଶନ ବ୍ୟବସ୍ଥା ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି। ସିଂହଦ୍ୱାରର ଦକ୍ଷିଣ-ପୂର୍ବଦିଗରେ ଏକ ଅଭ୍ୟର୍ଥନା କେନ୍ଦ୍ର ରହିବ। ୬ହଜାର ଲୋକ ଏକକାଳୀନ ଧାଡ଼ିରେ ଠିଆ ହୋଇପାରିବେ। ୪ହଜାର ଲୋକ ଏକକାଳୀନ ଆସବାବପତ୍ର ରଖିପାରିବା ଭଳି ବ୍ୟାଗେଜ୍ କାଉଣ୍ଟର କିମ୍ବା କ୍ଳୋକ୍ ରୁମ୍, ସିକ୍ୟୁରିଟି ସିଷ୍ଟମ୍, ବହି ଦୋକାନ ବ୍ୟବସ୍ଥା ହେବ। ୩ଟି ମିନି କ୍ଳୋକ୍ ରୁମ୍, ୩ଟି ସୂଚନା ଓ ଦାନକେନ୍ଦ୍ର କିଓସ୍କୋ, ୫ଟି ଶେଲ୍ଟର ପାଭିଲିୟନ୍, ପୁରୁଷ ଓ ମହିଳାଙ୍କ ପାଇଁ ୩ଟି ଲେଖାଏ ଶୌଚାଳୟ, ସେବାୟତଙ୍କ ପାଇଁ ୨ଟି ଶୌଚାଳୟ, ଗୋଟିଏ ପୋଲିସ ସେବା କେନ୍ଦ୍ର, ଏଟିଏମ୍ କିଓସ୍କୋ, ଭଜନ ମଣ୍ଡପ ଏବଂ ୫ଶହ ଲୋକ ବସିବା ଭଳି ସଂସ୍କୃତି ମଣ୍ଡପ ତିଆରି ହେବ। ଶ୍ରୀମନ୍ଦିର ରିସେପ୍ସନ୍ ସେଣ୍ଟର ତଥା ଦର୍ଶନ ବ୍ୟବସ୍ଥା ପାଇଁ ୮୫ ହଜାର ବର୍ଗ ଫୁଟ୍ ଅଞ୍ଚଳକୁ ବ୍ୟବହାର କରାଯିବ। ଅନ୍ୟପକ୍ଷରେ ୭୫ ମିଟର ବଳୟ ମଧ୍ୟରେ ପଡୁଥିବା ମଠର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯିବ। ଉତ୍କଳୀୟ କାରୁକାର୍ଯ୍ୟ ଆଧାରରେ ଏହି ମଠଗୁଡ଼ିକର ବିକାଶ କରାଯିବ। ନିର୍ମାଣ ବେଳେ ମଠଗୁଡ଼ିକର ସ୍ୱତନ୍ତ୍ରତାକୁ ଧ୍ୟାନ ଦିଆଯିବ।

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ହେରିଟେଜ କରିଡର ପାଇଁ ରାଜ୍ୟ କ୍ୟାବିନେଟ୍ ୮ଶହ କୋଟି ଟଙ୍କା ଅନୁମୋଦନ କରିଥିଲେ। ପ୍ରସ୍ତାବିତ ଚିଠା ପାଇଁ ୩ଶହ ପ୍ରସ୍ତାବ ଆସିଥିବା ବେଳେ ୩ଟି କମିଟି ଗଠନ ହୋଇଥିଲା। ଏହି ତିନି କମିଟି ଚିଠା ପ୍ରସ୍ତୁତ ନେଇ ୫୦ରୁ ଊର୍ଦ୍ଧ୍ୱ ବୈଠକ କରିଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସରିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଚିଠା ପ୍ରସ୍ତାବ ସମ୍ପର୍କରେ ସବିଶେଷ ତଥ୍ୟ ରଖିଛନ୍ତି। ବଳକା ଜମି ଅଧିଗ୍ରହଣ କାର୍ଯ୍ୟ ତୁରନ୍ତ ସରିବ ଏବଂ ଆସନ୍ତା ଜୁନ ୧ରୁ ଐତିହ୍ୟ କରିଡର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଉକ୍ତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ଆଇନ ବିଭାଗ ସଚିବ ଲଳାଟେନ୍ଦୁ ଜେନା, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଳ ସିଂ ଏବଂ ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଚିଠା ପ୍ରସ୍ତାବ ଚୂଡ଼ାନ୍ତ

- ମହାପ୍ରଭୁଙ୍କ ପାଖରେ ଲାଗିହେଲା ଚୂଡ଼ାନ୍ତ ନକ୍ସା
- ଉତ୍କଳୀୟ ଶୈଳୀରେ ନିର୍ମାଣ ହେବ ମଠ
- ଶ୍ରୀମନ୍ଦିର ସୁରକ୍ଷା, ଭକ୍ତଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ

### ମରଣଯନ୍ତା ପାଲଟିଛି କେନାଲ ରାସ୍ତା

କାକଟପୁର,୧୫।୨(ଡି.ଏନ୍.ଏ.)

କାକଟପୁରର ବାଇପାସ୍ ରାସ୍ତା ଡେଲ୍ଟା ଛକ ଠାରୁ ୟୁକୋ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇଥିବା କେନାଲ ରାସ୍ତା ମରଣଯନ୍ତା ପାଲଟିଛି। ଫଳରେ ଯାତାୟାତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନେଇ ନଜିର ରହିଛି। ସୂଚନା ମୁତାବକ, କାକଟପୁର ବ୍ଲକ ଅଧୀନ କଣ୍ଠାପଡ଼ା, ପାଟସୁନ୍ଦରପୁର, ସୁହାଗପୁର, କଟକଣା ପଞ୍ଚାୟତ ଅଞ୍ଚଳର ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିଥାନ୍ତି। ଏଥିସହ ରାସ୍ତା ପାର୍ଶ୍ୱରେ ଥିବା କାକଟପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବହୁ ଛାତ୍ରୀ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତାରେ ବଡ଼ ବଡ଼ ଖାଲଖମା ହେବାରୁ ଗାଡି ଚଳାଚଳରେ ବାଧାପ୍ରାପ୍ତ ହେବା ସହ ଦୁର୍ଘଟଣା ଘଟୁଛି। କିଛିବର୍ଷ ପୂର୍ବେ ଉକ୍ତ ରାସ୍ତା କାର୍ଯ୍ୟର ନବୀକରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲେ ମଧ କୌଣସି ଠିକାଦାର ଅଂଶଗ୍ରହଣ କରି ନ ଥିଲେ। ଏହା ପରଠାରୁ ଉକ୍ତ ରାସ୍ତା ପାଇଁ ପୁନର୍ବାର ଟେଣ୍ଡର ହୋଇନାହିଁ। ବିଭାଗ ତୁରନ୍ତ ଏହି ରାସ୍ତାର ମରାମତି କରିବା ପାଇଁ ସାମାଜିକକର୍ମୀ ହିମାଂଶୁ ଭୂଷଣ ଦୀକ୍ଷିତଙ୍କ ସମେତ କାକଟପୁର ଅଞ୍ଚଳର ଅନେକ ବ୍ୟକ୍ତି ଦାବି କରିଛନ୍ତି। ଆଗାମୀ ୧୫ଦିନ ମଧ୍ୟରେ ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଗଲେ କାକଟପୁରସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଦୀକ୍ଷିତ କହିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ବାଳିକା ଉଚ୍ଚ ବିଦ୍ୟାଳୟ



ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ।

କଣାସ,୧୫।୨(ସ୍ୱ.ପ୍ର.)

କଣାସ ବ୍ଲକ କଣାସ ପଞ୍ଚାୟତରେ ଥିବା ମହନ୍ତ ବନମାଳୀ ଦାସ ବାଳିକା ଉଚ୍ଚ ବିଦ୍ୟାଳୟର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏହି ବିଦ୍ୟାଳୟ ଫନୀ ସମୟରେ ବହୁ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏଯାବତ ମରାମତି ହୋଇପାରି ନାହିଁ। ଅଧିକାଂଶ ଶ୍ରେଣୀଗୃହ ଭାଙ୍ଗିଯାଇଥିବାବେଳେ ବିଦ୍ୟାଳୟ ଫାଟକ ଓ ପାଚେରି ମଧ ଭଙ୍ଗା ଅବସ୍ଥାରେ ଅଛି। ଏ ନେଇ ଶିକ୍ଷକବୃନ୍ଦ, ଗ୍ରାମବାସୀ, ସ୍ୱେଚ୍ଛାସେବୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କାର୍ଯ୍ୟ କେବଳ କଥାରେ ସୀମିତ ରହିଯାଉଛି। ଫଳରେ ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ପାଠପଢ଼ାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, ନାରୀ ଶିକ୍ଷାର ପ୍ରସାର ପାଇଁ ୧୯୮୮ ମସିହାରେ ବ୍ଲକରେ ଏକମାତ୍ର ଏହି ମହିଳା ବିଦ୍ୟାଳୟ ଖୋଲାଯାଇଥିଲା। କେତେକ ଶିକ୍ଷା ପ୍ରେମୀ ଓ କଣାସ ବଡମଠ ମହନ୍ତ ମହାରାଜଙ୍କ ଉଦ୍ୟମରେ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଥିଲା। ଏହି ବିଦ୍ୟାଳୟ ପୁରୀ ଜିଲାରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଆସିଥିବାବେଳେ ଗତବର୍ଷ ମାଟ୍ରିକ ପରୀକ୍ଷାରେ ଛାତ୍ରୀମାନେ ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏ ସବୁ ସତ୍ତ୍ୱେ ଏହି ବିଦ୍ୟାଳୟ ପ୍ରତି ସରକାର ପ୍ରୋତ୍ସାହନର ଘୋର ଅଭାବ ପରିଲକ୍ଷିତ ହୋଇଛି। ଫନୀ ବାତ୍ୟାରେ ବିଦ୍ୟାଳୟର ୪ଟି ଶ୍ରେଣୀଗୃହ ସହ ଅନ୍ୟାନ୍ୟ ଗୃହ ଭାଙ୍ଗି ଧ୍ୱଂସ ହୋଇଥିଲେ ମଧ ସରକାରୀ ସହାୟତା ପୂର୍ଣ୍ଣ ନିର୍ମାଣ ପାଇଁ ହୋଇନାହିଁ। ଗୃହ ଅଭାବ ଯୋଗୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଶିକ୍ଷାଦାନ, ଅନ୍ୟାନ କାର୍ଯ୍ୟରେ ବହୁ ଅସୁବିଧା ଭୋଗୁଛନ୍ତି। ଏବେ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଯାଇଥିବାବେଳେ ଏହାର ମରାମତି ନିତ୍ୟାନ୍ତ ଆବଶ୍ୟକ ହୋଇଛି। ତେଣୁ ଏଥିପ୍ରତି ବିଭାଗୀୟ ସ୍ତରରେ ଦୃଷ୍ଟି ଦେଇ ତୁରନ୍ତ ଏହାର ସମାଧାନ କରିବାକୁ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ସଭାପତି, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଶିକ୍ଷକବୃନ୍ଦ ଦାବି କରିଛନ୍ତି।

### ପୁଲ୍‌ୱାମା ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୧୫।୨(ଡି.ଏନ୍.ଏ.)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ପୁଲ୍‌ୱାମାରେ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ପ୍ରଥମେ ୪୦ଜଣ ଶହୀଦ ଯବାନଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ରତିକାନ୍ତ ପରିଡାଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ମନୋଜ ପରିଡା, ଗୋପାଳ କୃଷ୍ଣ ପଣ୍ଡା, ଅଧ୍ୟାପିକା ସସ୍ମିତା ପ୍ରଧାନ ଏବଂ କିରାଣି ରାଜ କିଶୋର ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ +୩ ବିଜ୍ଞାନ ଶେଷବର୍ଷ ଛାତ୍ର ଅଭିଷେକ ବେହେରା ସ୍ୱାଗତ ଭାଷଣ ଓ ଜଗଦୀଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଡେଲାଙ୍ଗ, ୧୫।୨(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମପୁର ଗ୍ରାମର ଯୁବକ ସଂଘ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ନାଗରିକ ରମାକାନ୍ତ ମିଶ୍ରଙ୍କ ଦ୍ୱାରା ଏହି ଶିବିର ଉଦ୍‌ଘାଟନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ୧୨୭ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପୁରାତନ ରୋଗ ମଧୁମେହ, ଅସ୍ଥି ସାନ୍ଦ୍ରତା ରୋଗର ଚିକିତ୍ସା କରାଯାଇ ଔଷଧ ବିତରଣ କରାଯାଇଥିଲା। ପ୍ରଫେସର ଦେବ ପ୍ରସାଦ ଦାଶ, ଡ.ହରପ୍ରସାଦ ମିଶ୍ର, ଡ.ସୁଜିତ କୁମାର ଦଳାଇ ଚିକିତ୍ସା କରିଥିଲେ। ଏହି ଶିବିରକୁ ଅସିତ୍ କୁମାର ମିଶ୍ର, ନିରଞ୍ଜନ ମିଶ୍ର, ସୋମନାଥ ମିଶ୍ରଙ୍କ ସମେତ ଗ୍ରାମର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସହର ଖବର

### ଦ୍ୱିତୀୟ ଡୋଜ୍ କୋଭିଡ୍ ଟିକା ପ୍ରଦାନ

ପୁରୀ ଅଫିସ,୧୫।୨: ପ୍ରଥମ ଡୋଜ୍ କୋଭିଡ୍ ଟିକା ନେଇଥିବା ବ୍ୟକ୍ତିଙ୍କୁ ରବିବାର ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ପୁରୀ ଜିଲାର ୭ଟି ସ୍ଥାନରେ ଏହି ୨ୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି। ୨ୟ ଡୋଜ୍‌ର ପ୍ରଥମ ଦିନରେ ୬୦୩ ଜଣଙ୍କର ଟିକାକରଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଡେଲାଙ୍ଗରେ ୫୦, ଗୋପରେ ୮୧, କଣାସରେ ୧୨୦, ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ୧୨୨, ପୁରୀ ସଦରରେ ୮୦, ସତ୍ୟବାଦୀରେ ୯୭ ଓ ଦୋଳବେଦିକୋଣ ସ୍ୱାସ୍ଥ୍ୟକେନ୍ଦ୍ରରେ ୫୩ ଜଣଙ୍କୁ ଟିକା ଦିଆଯାଇଛି।

### ପ୍ରାକ୍ତନ ବିଧାୟକ ଜଗବନ୍ଧୁ ସିଂଙ୍କ ଜୟନ୍ତୀ

ପୁରୀ ଅଫିସ,୧୫।୨: ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ପୁରୀର ପ୍ରାକ୍ତନ ବିଧାୟକ ଜଗବନ୍ଧୁ ସିଂଙ୍କ ୧୫୦ ତମ ଜୟନ୍ତୀ ପାଳିତ ହୋଇଛି। ସାହିତ୍ୟିକ କୈଳାସ ଚନ୍ଦ୍ର ଟିକାୟତଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗବନ୍ଧୁଙ୍କ ନିରାଡମ୍ବର ବ୍ୟକ୍ତିତ୍ୱ ଓ ସ୍ୱତନ୍ତ୍ର ପରିଚୟ କିଭଳି ସମାଜ କଲ୍ୟାଣ ନିମନ୍ତେ ଉତ୍ସର୍ଗୀକୃତ ଥିଲା ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଲେଖକ ସାରଙ୍ଗଧର ରାୟଗୁରୁଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁଜାତା ମିଶ୍ର, ପଦ୍ମଜା ପୃଷ୍ଟି, ପ୍ରତିମା ମିଶ୍ର, ତୁଳସୀ ଓଝା ଓ ଜ୍ୟୋତିରେଖା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମ ପ୍ରକାଶ ସେନାପତି ସଭା ପରିଚାଳନା ଦାୟିତ୍ୱରେ ରହିଥିଲେ।

### କବିତା ଶବ୍ଦର ସହ ନୁହେଁ ବରଂ ଭାବନା ସହ ଖେଳ

**ପୁରୀ ଅଫିସ,୧୫।୨:** ଚନ୍ଦନପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ଦରବାର ଓ ଗୁରୁଶିଷ୍ୟ ପାଠଗାର ଦ୍ୱାରା ଏକାଦଶତମ କବି-ଲେଖକ-କଳାକାର ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ । ଶିଶୁ ସାହିତ୍ୟକୁ ନେଇ ଆଲୋଚନା ସବୁଠାରୁ ଅଧିକ ହୋଇଥିବା ବେଳେ କିଭଳି ଭାବେ ସାହିତ୍ୟର ବର୍ଗୀକରଣ କରାଯାଇପାରିବ ସେନେଇ ଧ୍ୟାନ ଦେବା ପାଇଁ ସମ୍ମାନିତ ଅତିଥି ରାଜକିଶୋର ପାଣିଗ୍ରାହୀ କହିଛନ୍ତି। ସେହିଭଳି କବିତା ଶବ୍ଦର ସହ ନୁହେଁ ବରଂ ଭାବନା ସହ ଖେଳ ବୋଲି ସାହିତ୍ୟିକ କାହ୍ନୁଚରଣ ମିଶ୍ର କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶଙ୍କରର୍ଷଣ ପରିଡା, ପ୍ରାକ୍ତନ ନିର୍ଦ୍ଦେଶକ ପୂର୍ବାଞ୍ଚଳ ସାଂସ୍କୃତିକ ପରିଷଦ ମାନସ ରଞ୍ଜନ ମହାପାତ୍ର, ରାଜ କିଶୋର ପାଣିଗ୍ରାହୀ ଓ ଶିକ୍ଷୟିତ୍ରୀ ପବିତ୍ରା କୁମାରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ହାଜତରେ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ

ପୁରୀ ଅଫିସ,୧୫।୨:

### ଡକାୟତି ମାମଲାରେ ୫ ଜଣଙ୍କୁ କୋର୍ଟ ଚାଲାଣ

ଏକ ଡକାୟତି ମାମଲାରେ ଗିରଫ ହୋଇ ତାଳବଣିଆ ଥାନା ହାଜତରେ ଥିବା କାବୁ ପ୍ରଧାନ ନାମକ ଅଭିଯୁକ୍ତ ସୋମବାର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏକ ଧାରୁଆ ଅସ୍ତ୍ରରେ ସେ ନିଜ ହାତ ଓ ବେକ କାଟି ଦେଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ପୋଲିସ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଛି। ଆତ୍ମହତ୍ୟା ଉଦ୍ୟମ ଅଭିଯୋଗରେ ତାଙ୍କ ବିରୋଧରେ ପୋଲିସ ପୁନର୍ବାର ଏକ କେସ୍ ରୁଜୁ କରିଛି।

ପୁରୀ ସିଟି ଡିଏସ୍‌ପି କ୍ଷୀରସାଗର ନାୟକ କହିଛନ୍ତି, ଏକ ଡକାୟତି ମାମଲାରେ ରବିବାର ରାତିରେ କାବୁ ପ୍ରଧାନଙ୍କ ସମେତ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅନ୍ୟମାନେ ହେଲେ ବାଦଲ ନାୟକ, ସନ୍ତୋଷ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ସୁବାସ ମହାନ୍ତି। ପୋଲିସ ଏମାନଙ୍କଠାରୁ ବମ୍, ଗୋଟିଏ ଭୁଜାଲି, ୫ଟି ମାସ୍କ, ୩ଟି ଟର୍ଚ୍ଚ ଲାଇଟ୍ ଓ ୨ଟି ଲୁହା ରଡ୍ ଜବତ କରିଛି। ଏହି ଅଭିଯୁକ୍ତମାନେ ପର୍ଯ୍ୟଟକଙ୍କଠାରୁ ଡକାୟତି କରିବା ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ ପୋଲିସ ସେମାନଙ୍କୁ କାବୁ କରି ତାଳବଣିଆ ଥାନାକୁ ଆଣିଥିଲା। ଥାନା ହାଜତରେ ଥିବାବେଳେ କାବୁ ଖସିଯିବାକୁ ଚେଷ୍ଟା କରିଥିଲେ। ଏପରି କି ସୋମବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ବାମ ହାତ ଓ ବେକରେ ଆଘାତ ଲାଗିଥିବାରୁ ପୋଲିସ ତୁରନ୍ତ ତାଙ୍କୁ ଡାକ୍ତରଖାନାକୁ ନେଇଥିଲା। କାବୁଙ୍କ ବିରୋଧରେ ଆଇପିସି ଧାରା ୨୨୪, ୫୦୬, ୩୫୩, ୩୨୩ ଓ ୩୦୯ରେ ମାମଲା ନଂ. ୨୨/୨୧ ରୁଜୁ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ବାଲିଗୁଆଳିର କାବୁ ଜଣେ ଅଭ୍ୟାସଗତ ଅପରାଧୀ। ସେ ପୁରୀ ସହରରେ ପୂର୍ବରୁ ଏଭଳି ଅନେକ ଅପରାଧ ଘଟାଇ ଫେରାର ଥିଲେ। ଏପରି କି ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଓ ହତ୍ୟା ସମେତ ୧୩ଟି ମାମଲା ରହିଛି। ଅନ୍ୟପକ୍ଷରେ ହାଜତ ଭିତରେ କାବୁଙ୍କୁ କିଭଳି ଆତ୍ମହତ୍ୟା କରିବାର ସୁଯୋଗ ମିଳିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହାଜତରେ ଅଭିଯୁକ୍ତଙ୍କ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ପୋଲିସର ଦାୟିତ୍ୱବୋଧ ପ୍ରତି ଆଙ୍ଗୁଳି ଉଠିଛି।

# ଦୋକାନ ବଜାର ବନ୍ଦ, ଗଡ଼ିଲାନି ଗାଡ଼ି

ପୁରୀ ଅଫିସ/ପିପିଲି/କଣାସ/ଗୋପ/ନିମାପଡ଼ା/ କୋଣାର୍କ/ଡେଲାଙ୍ଗ/ ସାକ୍ଷୀଗୋପାଳ, ୧୫।୨(ଡି.ଏନ୍.ଏ./ସ୍ୱ.ପ୍ର.)



ନିମାପଡାଠାରେ କଂଗ୍ରେସ କର୍ମୀମାନେ ରାସ୍ତା ଅବରୋଧ କରିଛନ୍ତି ।

ପୁରୀ ଜିଲାରେ ସୋମବାର କଂଗ୍ରେସର ୬ ଘଣ୍ଟିଆ ବନ୍ଦ ଡାକରା ଡାକରାର ପ୍ରଭାବ ଦେଖିବାକୁ ମିଳିଛି । ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜ, ସୁଜିତ ମହାପାତ୍ର, ଯୁବ ସଭାପତି ପ୍ରେମଜିତ ମହାନ୍ତି ପ୍ରମୁଖ ପୁରୀ ସହରର ଭିଆଇପି ରୋଡ୍‌ସ୍ଥିତ କଂଗ୍ରେସ ଭବନ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। କର୍ମୀମାନେ ମେଡିକାଲ ଛକ, ଦୋଳମଣ୍ଡପ ସାହି, ମୋଚିସାହି ଛକ ପୋଷ୍ଟ ଅଫିସ୍ ଛକ ଆଦି ସ୍ଥାନରେ ରାସ୍ତାରୋକୋ କରିଥିଲେ। ସହରସ୍ଥ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଓ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ବିନାୟକ ଦାସ ମହାପାତ୍ର, ନିରଞ୍ଜନ ରଥ, ବିଭୂଦତ୍ତ ମିଶ୍ର, କାଳୀପ୍ରସାଦ ନାୟକ ଓ ଉମାକାନ୍ତ ବରାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ପିପିଲି ଅଞ୍ଚଳର କଂଗ୍ରେସ ମୁଖପାତ୍ର ଆଇନଜୀବୀ ନିଶିକାନ୍ତ ମିଶ୍ର ଓ କୃଷକ ନେତା ମକର ପ୍ରଧାନଙ୍କ ନେତୃତ୍ୱରେ କର୍ମୀମାନେ ହାଟ ଛକରେ ପଥପ୍ରାନ୍ତ ସଭା କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ମଙ୍ଗଳପୁର ଓ ସାତଶଙ୍ଖରେ ରାସ୍ତା ଅବରୋଧ କରିଥିଲେ। କଣାସରେ ସଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ, ତହସିଲ ଅଫିସ ସମେତ ବଜାର ଆଦି ବନ୍ଦ କରାଯାଇଥିଲା । ପ୍ରତାପ ପଟ୍ଟନାୟକ, ସରପଞ୍ଚ ମନମୋହନ ସାମନ୍ତରାୟ, ସମିତିସଭ୍ୟ ଲଲାଟକେଶରୀ ନିଶଙ୍କ, ସୁକାନ୍ତ ଛୁଆଳସିଂ ପ୍ରମୁଖ ଉପସ୍ଥିତ ଥିଲେ। ଗୋପରେ ଲକ୍ଷ୍ମୀଧର ପ୍ରଧାନ, ଦେବଦତ୍ତ ସାହୁ, ବନରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବଜାର, ବିଭିନ୍ନ ଅଫିସ, ପେଟ୍ରୋଲ ପମ୍ପ ବନ୍ଦ କରାଯାଇଥିଲା। ନିମାପଡ଼ାରେ ବିଜୟ ପ୍ରଧାନ, ପ୍ରଗତୀ ବରାଳ, ସରପଞ୍ଚ କାଳନ୍ଦୀ ବାରିକ, ସୁଶାନ୍ତ ପ୍ରଧାନ, ସରପଞ୍ଚ ବୀଣାପାଣି ସ୍ୱାଇଁ, ଅକ୍ଷୟ ପଡ଼ିହାରୀ, ଅରକ୍ଷିତ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ନିମାପଡ଼ା ଓ ଚାରିଛକରେ ବନ୍ଦ କରିଥିଲେ। ବଳଙ୍ଗା, ଖେଲାର ଓ ହରିପୁର ଆଦି ଅଞ୍ଚଳରେ ବନ୍ଦ ସଫଳ ହୋଇଛି। କୋଣାର୍କ ନଗର କଂଗ୍ରେସ କମିଟି ସଭାପତି ଉପେନ୍ଦ୍ର କାଣ୍ଡି, ସୁବାସ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଇକ ଶୋଭାଯାତ୍ରାରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ପିକେଟିଂ କରିଥିଲେ। ଡେଲାଙ୍ଗ ହାଟ ବଜାର, ଷ୍ଟେସନ ବଜାର,କଲ୍ୟାଣପୁର, ଘୋରଡିଆ, ବେରବୋଇ ଅଞ୍ଚଳରେ ବନ୍ଦର ପ୍ରଭାବ ପଡିଥିଲା। ବ୍ଲକ ସଭାପତି ରବିନ୍ଦ୍ର ଦାସ, ରାଜ୍ୟ ସମ୍ପାଦିକା ନିରୁପମା ପାତ୍ର, ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟ, ସୌମ୍ୟରଞ୍ଜନ ବରାଳ, ପ୍ରମୋଦ ସ୍ୱାଇଁ ପ୍ରମୁଖ ପୃଥକ ସ୍ଥାନରେ ରାସ୍ତାରୋକୋ କରିଥିଲେ। କାକଟପୁର ବ୍ଲକ ସଭାପତି ରାଜକିଶୋର ସାହୁଙ୍କ ନେତୃତ୍ୱରେ କର୍ମୀମାନେ କାକଟପୁର-ନିମାପଡା ମୁଖ୍ୟରାସ୍ତାର ମେଡିକାଲ ଛକ, ଚନ୍ଦନ ବଜାରରେ ରାସ୍ତା ଅବରୋଧ କରିଥିଲେ। ଏଥିରେ ଲକ୍ଷ୍ମୀଧର ଖୁଣ୍ଟିଆ, ଧନେଶ୍ୱର ପାଢୀ, ସୁବାସ ଚନ୍ଦ୍ର ନାୟକ, ବିପିନି ବିହାରୀ ମହାନ୍ତି, କୃଷ୍ଣଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ସାକ୍ଷୀଗୋପାଳରେ ଜୟନ୍ତ ହୋତା, କାଦୁଆ ସରପଞ୍ଚ ସୁବାସ ମହାପାତ୍ର, ସୁରେନ୍ଦ୍ର ସାହୁ, ବିପିନ ସ୍ୱାଇଁ, ରବି ପ୍ରଧାନ, ଅରୁଣ ମହାପାତ୍ର ପ୍ରମୁଖ ସତ୍ୟବାଦୀ ବ୍ଲକ ଛକରେ ରାସ୍ତା ଅବରୋଧ କରିଥିଲେ।

